# ଓଡ଼ିଶା ସରକାର

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

### ବିଜ୍ଞାପନ

**ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ରେ କାର୍ଯ୍ୟରତ ବିଭିନ୍ନ ଏକାଡେମୀ ମାନଙ୍କରେ ଖାଲି ପଡ଼ିଥିବା ସଭାପତି, ଉପସଭାପତି ପଦ ଏବଂ ସମ୍ପାଦକ ପଦବୀ ପାଇଁ ଦରଖାସ୍ତ ଆହ୍ୱାନ**

-----------

ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଚାରୁ ଓ କାରୁକଳା, ଚିତ୍ରକଳା, ସ୍ଥାପତ୍ୟ, ନାଟ୍ୟ ଓ ସଙ୍ଗୀତ, ଉର୍ଦ୍ଦୁ ଭାଷା ଓ ସାହିତ୍ୟ ଇତ୍ୟାଦି କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତି ବିଶେଷ ଙ୍କ ଠାରୁ ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ଲଳିତ ଏକାଡେମୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ରେ ସଭାପତି, ଉପ ସଭାପତି ପଦ ଓ ସମ୍ପାଦକ ପଦବୀ ଏବଂ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ ର ସମ୍ପାଦକ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କ ଜୀବନୀ ତଥ୍ୟ (Bio-data) ସହ ଆସନ୍ତା ତା ୧୨/୧୧/୨୦୨୦ ରିଖ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ସରକାରୀ ଛୁଟି ଦିନ ବ୍ୟତୀତ) ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ, ସଂଗ୍ରହାଳୟ ପରିସର, ବିଜେବି ନଗର, ଭୁବନେଶ୍ୱର -୧୪ ଙ୍କୁ ଆବେଦନ କରିପାରିବେ । ଏ ସମ୍ପର୍କିତ ସମସ୍ତ ତଥ୍ୟ ତଥା ଆବେଦନ ପାଇଁ ଆବଶ୍ୟକ ନମୁନା ଦରଖାସ୍ତ ଫର୍ମ ପ୍ରାପ୍ତି ନିମନ୍ତେ ବିଭାଗୀୟ Website: www.odishaculture.in କୁ ପରିଦର୍ଶନ କରିପାରିବେ ।

ବି.ଦ୍ର.: ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ଆବେଦନ କରାଯାଇଥିବା ଦରଖାସ୍ତକୁ ନାକଚ କରାଯାଇପାରିବ ।

ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

Scanned by CamScanner

# ସୂଚନା

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗରେ କାର୍ଯ୍ୟରତ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଓଡ଼ିଶା ଲଳିତ କଳା ଏକାଡ଼େମୀ ଓ ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀର ନିମ୍ନୋକ୍ତ ପଦ ଓ ପଦବୀ ଗୁଡ଼ିକ ପାଇଁ ଦରଖାସ୍ତ / ଆବେଦନ ଗ୍ରହଣ କରାଯାଉଅଛି ଯାହା ଆସନ୍ତା ନଭେମ୍ବର ତା ୧୧-୧୧-୨୦୨୦ ରିଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ । ଇଚ୍ଛୁକ ବ୍ୟକ୍ତି ଡାକ ମାଧ୍ୟମରେ ବା ନିଜେ ଆସି ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସଂସ୍କୃତି ଭବନ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପରିସର, ବି.ଜେ.ବି ନଗର, ଭୁବନେଶ୍ୱର, ପିନ୍ ନଂ.୭୫୧୦୧୪ ରେ ଦାଖଲ କରି ପାରିବେ । ଆବେଦନ କରୁଥିବା ବ୍ୟକ୍ତି, ଆବେଦନ ପତ୍ରକୁ ସମ୍ପୂର୍ଣ୍ଣ ତଥ୍ୟ ସହ ପୂରଣ କରି ନିଜ ସ୍ୱାକ୍ଷର ସହ ଗୋଟିଏ ଲଫାପା ମଧ୍ୟରେ ମୁଦ କରି ଦାଖଲ କରିବେ ବା ଡାକ ଦ୍ୱାରା ପଠାଇବେ । ଲଫାପାର ଶିରୋଭାଗରେ ଆବେଦନ କରିଥିବା ପଦ ବା ପଦବୀର ନାମ ଲେଖିବେ ।

## ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର

ପଦ - **ସଭାପତି** : ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର

**ଉପ ସଭାପତି** : ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର

ଏହି ଦୁଇ ଗୋଟି ପଦ ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କର ବୟସ ଷାଠିଏ (୬୦) ବର୍ଷରୁ କମ୍ ଏବଂ ଅଶି (୮୦) ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବା ଆବଶ୍ୟକ । ଆବେଦନ କରୁଥିବା ବ୍ୟକ୍ତି ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଲବ୍ଧ ପ୍ରତିଷ୍ଠ ସୁନାମଧନ୍ୟ ଓ ଖ୍ୟାତି ସମ୍ପନ୍ନ ହୋଇଥିବା ଆବଶ୍ୟକ । ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ପ୍ରଥିତଯଶା ଓ କୃତିତ୍ୱପୂର୍ଣ୍ଣ ଅବଦାନ ଥାଇ ପ୍ରସିଦ୍ଧ ବ୍ୟକ୍ତିତ୍ୱ ଏହି ପଦ ପାଇଁ ନିଜର ଆବେଦନ ପତ୍ର ଦାଖଲ କରି ପାରିବେ । ଜଣେ ବ୍ୟକ୍ତି ଯଦି ଉଭୟ ପଦ ପାଇଁ ଆବେଦନ କରୁଛନ୍ତି ତାଙ୍କୁ ଦୁଇ ଗୋଟି ଆବେଦନ ପତ୍ର ଦାଖଲ କରିବାକୁ ହେବ ।

**ପଦବୀ – ସମ୍ପାଦକ : ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର**

ଏହି ପଦବୀ ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କର ବୟସ ପଇଁଚାଳିଶି (୪୫) ବର୍ଷରୁ କମ୍ ଓ ପଞ୍ଚଷଠି (୬୫) ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବା ଆବଶ୍ୟକ । ଓଡ଼ିଆ ଭାଷା ଓ ସାହିତ୍ୟରେ ଆଗ୍ରହ, ରୁଚି ଓ ଜ୍ଞାନ ଥିବା ଆବଶ୍ୟକ । ପରିଚାଳନାଗତ ଦକ୍ଷତା, ପ୍ରଶାସନିକ ଅଭିଜ୍ଞତା, କାର୍ଯ୍ୟାଳୟ ବା ସଙ୍ଗଠନ ପରିଚାଳନା ସମ୍ବନ୍ଧୀୟ ଅନୁଭୂତି ଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ ।

## ଓଡ଼ିଶା ଲଳିତ କଳା ଏକାଡ଼େମୀ, ଭୁବନେଶ୍ୱର

ପଦ - ଉପ ସଭାପତି :

ଏହି ପଦ ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କର ବୟସ ଷାଠିଏ (୬୦) ବର୍ଷରୁ କମ୍ ଏବଂ ଅଶି (୮୦) ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବା ଆବଶ୍ୟକ । ଆବେଦନ କରୁଥିବା ବ୍ୟକ୍ତି ଦୃଶ୍ୟମାନ କଳା, ଚାରୁ ଓ କାରୁକଳା, ଚିତ୍ରକଳା, ସ୍ଥାପତ୍ୟ ଇତ୍ୟାଦି କ୍ଷେତ୍ରରେ ଲବ୍ଧ ପ୍ରତିଷ୍ଠ, ସୁନାମଧନ୍ୟ ଓ ଖ୍ୟାତି ସମ୍ପନ୍ନ ହୋଇଥିବା ଆବଶ୍ୟକ । ଏହି କ୍ଷେତ୍ରରେ ପ୍ରଥିତଯଶା ଓ କୃତିତ୍ୱପୂର୍ଣ୍ଣ ଅବଦାନ ଥାଇ ପ୍ରସିଦ୍ଧି ପ୍ରାପ୍ତ ବ୍ୟକ୍ତି ଏହି ପଦବୀ ପାଇଁ ଆବେଦନ କରି ପାରିବେ ।

ପଦବୀ – ସମ୍ପାଦକ :

ଏହି ପଦବୀ ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କର ବୟସ ପଇଁଚାଳିଶି (୪୫) ବର୍ଷରୁ କମ୍ ଓ ପଞ୍ଚଷଠି (୬୫) ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବା ଆବଶ୍ୟକ । ଚାରୁ ଓ କାରୁକଳା, ଚିତ୍ରକଳା, ଦୃଶ୍ୟମାନ କଳା, ସ୍ଥାପତ୍ୟ ଇତ୍ୟାଦିରେ ଆଗ୍ରହ, ରୁଚି ଓ ଜ୍ଞାନ ଥିବା ଆବଶ୍ୟକ । ପରିଚାଳନାଗତ ଦକ୍ଷତା, ପ୍ରଶାସନିକ ଅଭିଜ୍ଞତା, କାର୍ଯ୍ୟାଳୟ ବା ସଙ୍ଗଠନ ପରିଚାଳନା ସମ୍ବନ୍ଧୀୟ ଅନୁଭୂତି ଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ ।

Scanned by CamScanner

## ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଭୁବନେଶ୍ୱର

**ପଦ - ସଭାପତି** : ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଭୁବନେଶ୍ୱର

**ଉପ ସଭାପତି** : ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ, ଭୁବନେଶ୍ୱର

ଏହି ଦୁଇ ଗୋଟି ପଦ ପାଇଁ ଇଚ୍ଛୁକ ଥିବା ବ୍ୟକ୍ତିଙ୍କର ବୟସ ଷାଠିଏ (୬୦) ବର୍ଷରୁ କମ୍ ଏବଂ ଅଶି (୮୦) ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବା ଆବଶ୍ୟକ । ଆବେଦନ କରୁଥିବା ବ୍ୟକ୍ତି ନୃତ୍ୟ, ସଙ୍ଗୀତ, ନାଟକ ଇତ୍ୟାଦି କ୍ଷେତ୍ରରେ ଲବ୍ଧ ପ୍ରତିଷ୍ଠ, ସୁନାମଧନ୍ୟ ଓ ଖ୍ୟାତି ସମ୍ପନ୍ନ ହୋଇଥିବା ଆବଶ୍ୟକ । ଏହି କ୍ଷେତ୍ରରେ ପ୍ରଥିତଯଶା ଓ କୃତିତ୍ୱପୂର୍ଣ୍ଣ ଅବଦାନ ଥାଇ ପ୍ରସିଦ୍ଧି ପ୍ରାପ୍ତ ବ୍ୟକ୍ତି ଏହି ପଦ ପାଇଁ ନିଜର ଆବେଦନ ପତ୍ର ଦାଖଲ କରି ପାରିବେ । ଜଣେ ବ୍ୟକ୍ତି ଯଦି ଉଭୟ ପଦ ପାଇଁ ଆବେଦନ କରୁଛନ୍ତି ତାଙ୍କୁ ଦୁଇ ଗୋଟି ଆବେଦନ ପତ୍ର ଦାଖଲ କରିବାକୁ ହେବ ।

## ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀ, ଭୁବନେଶ୍ୱର

**ପଦବୀ – ସମ୍ପାଦକ** :

ଏହି ପଦବୀ ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କର ବୟସ ପଇଁଚାଳିଶି (୪୫) ବର୍ଷରୁ କମ୍ ଓ ପଞ୍ଚଷଠି (୬୫) ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବା ଆବଶ୍ୟକ । ଉର୍ଦ୍ଦୁ ଭାଷା ଓ ସାହିତ୍ୟରେ ଆଗ୍ରହ, ରୁଚି ଓ ଜ୍ଞାନ ଥିବା ଆବଶ୍ୟକ । ପରିଚାଳନାଗତ ଦକ୍ଷତା, ପ୍ରଶାସନିକ ଅଭିଜ୍ଞତା, କାର୍ଯ୍ୟାଳୟ ବା ସଙ୍ଗଠନ ପରିଚାଳନା ସମ୍ବନ୍ଧୀୟ ଅନୁଭୂତି ଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ ।

Scanned by CamScanner

ଫଟୋ

## ଆବେଦନ ପତ୍ର

(ଏକାଡ଼େମୀର ସଭାପତି/ଉପ ସଭାପତି ନିମନ୍ତେ)

୧. ପଦ :

୨. ନାମ :

୩. ବୟସ – ଜନ୍ମ ତାରିଖ, ମାସ, ବର୍ଷ :

୪. ପିତାଙ୍କ ନାମ :

୫. ସମ୍ପୂର୍ଣ୍ଣ ଯୋଗାଯୋଗ ଠିକଣା / ଅବସ୍ଥିତି, ଦୂରଭାଷ / ଭ୍ରାମ୍ୟଭାଷ ସଂଖ୍ୟା / ଇ-ମେଲ୍ :

୬. ପ୍ରଖ୍ୟାତି, ପ୍ରସିଦ୍ଧି, କୃତିତ୍ୱ ଏବଂ ସଫଳତା ସମ୍ବନ୍ଧୀୟ ତଥ୍ୟ :

ଆବେଦନକାରୀଙ୍କ ସ୍ୱାକ୍ଷର

ତାରିଖ -

Scanned by CamScanner

ଫଟୋ

# ଆବେଦନ ପତ୍ର

## (ଏକାଡ଼େମୀର ସମ୍ପାଦକ ନିମନ୍ତେ)

| | | |
|---|---|---|
| ୧. | ପଦବୀ | : |
| ୨. | ନାମ | : |
| ୩. | ବୟସ – ଜନ୍ମ ତାରିଖ, ମାସ, ବର୍ଷ | : |
| ୪. | ପିତାଙ୍କ ନାମ | : |
| ୫. | ସମ୍ପୂର୍ଣ୍ଣ ଯୋଗାଯୋଗ ଠିକଣା / ଅବସ୍ଥିତି, ଦୂରଭାଷ / ଭ୍ରାମ୍ୟଭାଷ ସଂଖ୍ୟା / ଇ-ମେଲ୍ | : |
| ୬. | କୃତିତ୍ୱ, ପାରଦର୍ଶିତା, ଦକ୍ଷତା ଏବଂ ଅଭିଜ୍ଞତା ସମ୍ବନ୍ଧୀୟ ତଥ୍ୟ | : |
| ୭. | ଯଦି କୌଣସି ସରକାରୀ / ଅର୍ଦ୍ଧ ସରକାରୀ / ବେସରକାରୀ ସଂସ୍ଥାରେ କାର୍ଯ୍ୟରତ ଥାନ୍ତି ତେବେ ଆବେଦନକାରୀ ନିଯୁକ୍ତି ଦାତାଙ୍କ ଅନୁମତି ଆଣିଛନ୍ତି କି ? | : ହଁ / ନାହିଁ |

## ଘୋଷଣା ପତ୍ର

ମୁଁ, ଶ୍ରୀ/ଶ୍ରୀମତୀ/କୁମାରୀ . . . . . . . . . . . . . . . . . . . . . . . . . . . . ଏତଦ୍ଦ୍ୱାରା ଘୋଷଣା କରୁଅଛି କି ଉପରୋକ୍ତ ସମସ୍ତ ବିବରଣୀ ଓ ତଥ୍ୟ ସତ୍ୟ ଅଟେ । ଯଦି କୌଣସି ତଥ୍ୟ / ବିବରଣୀ ଅସତ୍ୟ ପ୍ରମାଣିତ ହୁଏ ସେଥିପାଇଁ ମୁଁ ଦାୟୀ ରହିବି । ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମୋର ଆବେଦନକୁ କୌଣସି କାରଣ ନ ଜଣାଇ ରଦ୍ଦ୍ କରିପାରିବେ ଏବଂ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିବେ ।

ଆବେଦନକାରୀଙ୍କ ସ୍ୱାକ୍ଷର

ତାରିଖ –

Scanned by CamScanner